ଓଡ଼ିଶା ରାଜ୍ୟ

ବନାମ

ଡମ୍ବୁରୁ ନାଇକୋ ଏବଂ ଅନ୍ୟଜଣେ ।

ମାର୍ଚ୍ଚ 31, 1992

[କୁଲଦିପ ସିଂହ ଏବଂ କେ. ରାମସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ ।]

*ଭାରତୀୟ ଦଣ୍ଡ ସଂହିତା, 1860:*

*ଧାରା 34, 366 ଏବଂ 376 - ଅପହରଣ ଏବଂ ଗଣଦୁଷ୍କର୍ମ–ପୀଡିତାଙ୍କ ସାକ୍ଷ୍ୟର ପୁଷ୍ଟି - ଆବଶ୍ୟକ କି, ଯେତେବେଳେ ତାଙ୍କ ସାକ୍ଷ୍ୟ ସତ୍ୟ ବୋଲି ଦୃଢ଼ ବିଶ୍ୱାସ ସଞ୍ଚାର କରେ - ସ୍ପଷ୍ଟ ଦିବାଲୋକରେ କରାଯାଇଥିବା ଦୁଷ୍କର୍ମ - ଚିହ୍ନଟ ପରେଡରେ ଅଭିଯୁକ୍ତକୁ ଚିହ୍ନଟ କରିବା ଏବଂ ଡାକ୍ତରୀ ପ୍ରମାଣ ତଥା ଏତଲାରେ ତାଙ୍କର ଗୁପ୍ତ ଅଙ୍ଗଗୁଡ଼ିକର କ୍ଷତଗୁଡ଼ିକୁ ପୁଷ୍ଟି କରେ - ଉଚ୍ଚ ନ୍ୟାୟାଳୟ ପୀଡ଼ିତାଙ୍କ ସାକ୍ଷ୍ୟ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବା ଯଥାର୍ଥ ଥିଲା କି ।*

ଦୁଇ ପ୍ରତିବାଦୀ ତଥା ଅନ୍ୟ ଦୁଇଜଣଙ୍କୁ ପି. ଡବ୍ଲ୍ୟୁ. 1 ଙ୍କ ଅପହରଣ ଏବଂ ବଳାତ୍କାର କରିଥିବା ପାଇଁ ଆଇ.ପି.ସି. ଧାରା 366/34 ଏବଂ ଧାରା 34 ସହିତ ପଠିତ ଧାରା 376 ଅଧୀନରେ ଅଭିଯୁକ୍ତ କରାଯାଇଥିଲା । P.W.13, କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପରିଚାଳିତ ଚିହ୍ନଟ ପ୍ୟାରେଡରେ, ପି.ଡବ୍ଲ୍ୟୁ. 1, ପୀଡିତା ଜଣକ, ଦୁଇ ପ୍ରତିବାଦୀଙ୍କୁ ଏବଂ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ । ବିଚାରଣ ନ୍ୟାୟାଳୟ ତାଙ୍କ ସାକ୍ଷ୍ୟକୁ ଗ୍ରହଣ କରିଥିଲେ ଏବଂ ଦୁଇ ଜଣ ପ୍ରତିବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ପ୍ରତ୍ୟେକଟା ମାମଲା ପାଇଁ ସେମାନଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ଦେଇଥିଲେ ।

ବିଚାରଣ ନ୍ୟାୟାଳୟ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଏବଂ ଏହା ବିରୋଧରେ କୌଣସି ଆବେଦନ ହୋଇ ନଥିବାରୁ ଏହା ଚୂଡ଼ାନ୍ତ ହୋଇଥିଲା । ଦୌରା ଅଦାଲତ ଦୁଇ ପ୍ରତିବାଦୀଙ୍କ ଦଣ୍ଡାଦେଶକୁ କାଏମ ରଖିଥିଲେ ।

ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଦୁଇ ଜଣ ପ୍ରତିବାଦୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଯେ ପି. ଡବ୍ଲ୍ୟୁ. 1 ଙ୍କ ପ୍ରତିବାଦୀମାନଙ୍କୁ ଚିହ୍ନଟ କରିବା ଉପରେ ନିର୍ଭର କରାଯାଇପାରିବ ନାହିଁ, ଯେ ତାଙ୍କ ସାକ୍ଷ୍ୟର ପୁଷ୍ଟି ପାଇଁ କିଛି ଉପଲବ୍ଧ ନଥିଲା, ଏବଂ ଯେତେବେଳେ ଗଣଦୁଷ୍କର୍ମ ଘଟିଥିଲା ସେତେବେଳେ ପୀଡିତାଙ୍କ ଶରୀର ଉପରେ ଅନେକ କ୍ଷତ ରହିବା କଥା, ଯାହା କି ଅନୁପସ୍ଥିତ ଥିଲା, ଏବଂ ତେଣୁ, ପକ୍ଷର ସମ୍ମତିରେ ତାହା ଘଟିଥିଲା ।

ରାଜ୍ୟର ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

କହିଲେ: 1.1 ବଳାତ୍କାରର ଶିକାର ହୋଇଥିବା ପୀଡ଼ିତାଙ୍କ ସାକ୍ଷ୍ୟକୁ ପୁଷ୍ଟି କରିବାର ଆବଶ୍ୟକତା ନାହିଁ । ଯଦି ପ୍ରମାଣ ସତ୍ୟ ବୋଲି ଦୃଢ଼ ବିଶ୍ୱାସ ଜାତ କରେ, ତେବେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ତାହା ହିଁ ଯଥେଷ୍ଟ ହେବ ।

1.2 ତତ୍କାଳୀନ ମାମଲାରେ, ପି. ଡବ୍ଲ୍ୟୁ. 1 ଙ୍କ ସାକ୍ଷ୍ୟର କୌଣସି ପୁଷ୍ଟି କରିବାର ଆବଶ୍ୟକତା ନାହିଁ । ସେ ଜଣେ ସାଧାରଣ ଗାଁଉଁଲି ଝିଅ ଥିଲେ ଏବଂ ସେ ନିଜ ଆକ୍ରମଣକାରୀଙ୍କୁ ଛାଡ଼ିଦେବେ ନାହିଁ ଏବଂ ତାଙ୍କୁ ବଳାତ୍କାର କରିଥିବା ମିଥ୍ୟା ଅଭିଯୋଗରେ ଅନ୍ୟ ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କୁ ଫସାଇବେ ନାହିଁ । ଯଦିଓ ଅଭିଯୁକ୍ତଙ୍କ ପାଇଁ ସେ ଜଣେ ଅପରିଚିତା ଥିଲେ, ସେ

**ଅପହରଣ ଏବଂ ଗଣଦୁଷ୍କର୍ମ ଭଳି ଭୟଙ୍କର ଅପରାଧର ଶିକାର ହୋଇଥିଲେ ଏବଂ ଏହା ସ୍ପଷ୍ଟ ଦିବାଲୋକରେ କରାଯାଇଥିଲା । ତେଣୁକରି, ଯେତେବେଳେ ଅଭିଯୁକ୍ତମାନେ ତାଙ୍କୁ ଜଙ୍ଗଲକୁ ଅପହରଣ କରି ନେଇଯାଇଥିଲେ, ସେତେବେଳେ ସେ ସେମାନଙ୍କୁ ଦେଖିବାକୁ ସୁଯୋଗ ପାଇଥିଲେ, ଯଦିଓ ପରେ ତାଙ୍କ ଆଖି ଏକ ଖଣ୍ଡ କପଡା ଦ୍ୱାରା ବନ୍ଦ କରାଯାଇଥିଲା । ଯେତେବେଳେ ତାଙ୍କର ଜୀବନରୁ ମାରିଦେବା ଧମକରେ ତାଙ୍କୁ ଭୂମିରେ ଶୋଇବାକୁ କୁହାଯାଇଥିଲା ଏବଂ ତାଙ୍କ ପ୍ରତି ଗଣଦୁଷ୍କର୍ମ କରାଯାଇଥିଲା, ସେତେବେଳେ ସେ ସମ୍ପୂର୍ଣ୍ଣ ଅସହାୟ ଥିଲେ । ଡାକ୍ତରୀ ପ୍ରମାଣ ଯଥେଷ୍ଟ ପୁଷ୍ଟି କରେ ଯେ ତାଙ୍କ ଗୁପ୍ତ ଅଙ୍ଗରେ କ୍ଷତ ଥିଲା ଏବଂ ତେଣୁ ଜଣଙ୍କ ପରେ ଜଣଙ୍କ ଦ୍ୱାରା କରାଯାଇଥିବା ଗଣଦୁଷ୍କର୍ମକୁ ତାଙ୍କ ଦ୍ୱାରା ଯଥେଷ୍ଟ ପ୍ରତିରୋଧ କରାଯାଇଛି । ଯେତେବେଳେ ଏହା ତାଙ୍କ ଜୀବନ ନେବା ଧମକ ଦେଇ କରାଯାଇଥିଲା, ସେ ଉପାୟହୀନ ହୋଇ ତାଙ୍କ ଭାଗ୍ୟକୁ ଆଦରିବା ଏବଂ ସେମାନଙ୍କ ଆକ୍ରମଣର ଶିକାର ହେବା ବ୍ୟତୀତ ପ୍ରତିରୋଧ ଜାରି ରଖିପାରିବେ ବୋଲି ଆଶା କରାଯାଇପାରିବ ନାହିଁ । ପି.ଡବ୍ଲ୍ୟୁ. 1 ମଧ୍ୟ ଚିହ୍ନଟ ପରେଡରେ ପ୍ରତିବାଦୀମାନଙ୍କୁ ଚିହ୍ନଟ କରିଥିଲେ । ତାଙ୍କୁ ବଳାତ୍କାର କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାକୁ ତାଙ୍କୁ ଯଥେଷ୍ଟ ସୁଯୋଗ ମିଳିଥିଲା । ଯଦିଓ ପ୍ରମାଣର ପୁଷ୍ଟି କରିବାର ପ୍ରୟୋଜନ ଅଛି, ତାଙ୍କର ଗୁପ୍ତ ଅଙ୍ଗର କ୍ଷତ; ଡାକ୍ତରଙ୍କ ଡାକ୍ତରୀ ପ୍ରମାଣ ଏବଂ ତାଙ୍କର ଏତଲା ଏପରି ପ୍ରମାଣର ପୁଷ୍ଟି କରୁଛି । ପି.ଡବ୍ଲ୍ୟୁ. 1 ର ସାକ୍ଷ୍ୟକୁ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ ।**

**1.3 ତେଣୁ ପି.ଡବ୍ଲ୍ୟୁ. 1 ଙ୍କ ସାକ୍ଷ୍ୟକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଦୁଇ ପ୍ରତିବାଦୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟଙ୍କ ଯୁକ୍ତିକୁ ଗ୍ରହଣ କରିବା ସମ୍ଭବ ନୁହେଁ । ଏହା ବ୍ୟତୀତ, ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ମଧ୍ୟ ତାଙ୍କ ସାକ୍ଷ୍ୟକୁ ଏହାର ଗୁଣବତ୍ତା ବଳରେ ଅବିଶ୍ୱାସ କରିବାକୁ କୌଣସି ପ୍ରୟାସ କରାଯାଇନଥିଲା ।**

**1.4 ଏହି ପ୍ରକାର ପରିସ୍ଥିତିରେ, ମାନବ ସମ୍ଭାବନାକୁ ଧ୍ୟାନ ନ ଦେଇ, ସାମୟିକ ଏବଂ ଯାନ୍ତ୍ରିକ ଆଭିମୁଖ୍ୟ, ତଥା ପରିଣାମସ୍ୱରୂପ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତି କରାଯିବା ଫଳରେ ନ୍ୟାୟର ଗୁରୁତର ହାନି ହୋଇଥିଲା । ଉଚ୍ଚ ନ୍ୟାୟାଳୟର ରାୟ ଏବଂ ପ୍ରତିବାଦୀମାନଙ୍କୁ ଦୋଷ ମୁକ୍ତି କରିବାର ଆଦେଶକୁ ବାତିଲ କରାଯାଉଛି । ବିଚାରଣ ନ୍ୟାୟାଳୟ ଦ୍ୱାରା ଲିପିବଦ୍ଧ କରାଯାଇଥିବା ତଥା ଦୌରା ନ୍ୟାୟାଳୟ ଦ୍ୱାରା ପ୍ରତିଜ୍ଞାନ କରାଯାଇଥିବା ରାୟ, ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ପୁନଃ ସ୍ଥାପିତ କରାଯାଉଛି । ପ୍ରତିବାଦୀମାନେ ଆତ୍ମ ସମର୍ପଣ କରିବା ଉଚିତ ଏବଂ ଦଣ୍ଡ ଭୋଗିବା ଉଚିତ ।**

ଅପରାଧିକ ଅପିଲ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 567/1983

ସିଆରଏଲ. ରିଭ. ସଂଖ୍ୟା 152/81ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 19.4.82 ରିଖ ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ସି. ଏସ୍. ଶ୍ରୋମୋଭାସ ରାଓ ।

ପ୍ରତିବାଦୀଙ୍କ ପକ୍ଷରୁ ଏ. ପି. ମହାନ୍ତି

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**କେ. ରାମସ୍ୱାମୀ, ନ୍ୟାୟାଧୀଶ ।** ଆଇ.ପି.ସି. ର ଧାରା 366/34 ଏବଂ ଧାରା 34 ସହିତ ପଠିତ ଧାରା 376 ଅଧୀନରେ ତା ଅକ୍ଟୋବର 21, 1978 ରିଖ ଅପରାହ୍ନ ପ୍ରାୟ 4 ଟା ବେଳେ ମଙ୍ଗୁରୀ ଭୋତ୍ରୁଣି, ପି. ଡବ୍ଲ୍ୟୁ. 1 କୁ ଅପହରଣ କରି ବଳାତ୍କାର କରିବା ମାମଲାରେ ଦୁଇ ପ୍ରତିବାଦୀ ଡମ୍ବୁ ନାଇକୋ (A 1) ଏବଂ ବି. ଶଙ୍କର ରାଓ (A 2) ଏବଂ ଅନ୍ୟ ଦୁଇଜଣଙ୍କୁ ଜୟପୁରର ସହକାରୀ ଦୌରା ଜଜଙ୍କ ଦ୍ୱାରା ଦୌରା ମାମଲା ସଂଖ୍ୟା 6/78 ରେ ଅଭିଯୁକ୍ତ କରାଯାଇଥିଲା । ତା ନଭେମ୍ବର 26, 1978 ରିଖର ରାୟ ଅନୁସାରେ ବିଚାରଣ ନ୍ୟାୟାଳୟ ପ୍ରତିବାଦୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ପ୍ରତ୍ୟେକଟି ମାମଲାରେ ସେମାନଙ୍କୁ ତିନି ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଦେଇଥିଲେ ଏବଂ ଦଣ୍ଡାଦେଶ ଏକକାଳୀନ

ଚାଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେ ଅନ୍ୟ ଦୁଇ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଯାହା ଚୂଡ଼ାନ୍ତ ହୋଇଥିଲା । ଆବେଦନ ଉପରେ ଦୌରା ନ୍ୟାୟାଳୟ ଏହାକୁ କାଏମ କରିଥିଲେ । ସି ଆର ଏଲ. ପୁନରୀକ୍ଷଣ ସଂଖ୍ୟା 152/1981 ରେ ତା 19 ଏପ୍ରିଲ,1982 ରିଖ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି  ଦ୍ୱାରା ଏହି ଆବେଦନ ।

ଅଭିଯୋଜନ ପକ୍ଷର ମାମଲା ଏହା ଅଟେ ଯେ ଦୁର୍ଭାଗ୍ୟପୂର୍ଣ୍ଣ ଦିନଟିରେ ପୀଡିତା ଭୋତୃଣୀ ଅନ୍ୟ ଝିଅମାନଙ୍କ ସହ, ପି.ଡବ୍ଲ୍ୟୁ. 2 ରୁ 4 ସହିତ ଦଶହରା ପର୍ବ ଦେଖିବା ପାଇଁ ପାପଡ଼ାହାଣ୍ଡି ଯାଇଥିଲେ । ଅପରାହ୍ନ ପ୍ରାୟ 4 ଟା ବେଳେ, ଯେତେବେଳେ ସେମାନେ ଘରକୁ ଫେରୁଥିଲେ, ପି.ଡବ୍ଲ୍ୟୁ. 1, ପୀଡିତା ସେମାନଙ୍କ ଆଗରେ ଥିଲେ ଏବଂ ଯେତେବେଳେ ସେମାନେ ଜଙ୍ଗଲ ଭିତରକୁ ପହଞ୍ଚିଥିଲେ, ଆବେଦନକାରୀ ଏବଂ ଅନ୍ୟ ଦୁଇଜଣ ପି.ଡବ୍ଲ୍ୟୁ. 1 ର ମୁହଁକୁ ବନ୍ଦ କରି ଜଙ୍ଗଲକୁ ଅପହରଣ କରିଥିଲେ, ଏକ କପଡ଼ାରେ ତାଙ୍କ ଆଖିକୁ ଢାଙ୍କିଥିଲେ ଏବଂ ଯଦି ସେ ଚିତ୍କାର କରିବେ ତେବେ ତାଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ । ସେମାନେ ତାଙ୍କୁ ଭୂମିରେ ଶୋଇବାକୁ ବାଧ କରିଥିଲେ ଏବଂ ଜଣଙ୍କ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ । ପି.ଡବ୍ଲ୍ୟୁ. 2 ରୁ 4 ଜଣ ପାପଡ଼ାହାଣ୍ଡି ପଛକୁ ଦୌଡ଼ି ଆସିଥିଲେ ଏବଂ ଉତ୍ସବରେ କାର୍ଯ୍ୟରତ ପୋଲିସକୁ ଘଟଣା ବିଷୟରେ ଜଣାଇଥିଲେ ଏବଂ ପି.ଡବ୍ଲ୍ୟୁ. 5, କନଷ୍ଟେବଳ ସେମାନଙ୍କ ସହିତ ଆସିଥିଲେ । ସେମାନେ ଦେଖିଲେ ଯେ ପୀଡିତାଙ୍କ ଆଖି ଏକ କପଡା ଦ୍ୱାରା ଘୋଡ଼ାଯାଇଛି ଏବଂ ସେ କାନ୍ଦୁଛନ୍ତି । ତାଙ୍କୁ ପାପଡ଼ାହାଣ୍ଡି ନିଆଯାଇଥିଲା । ସେ ଅଭିଯୋଗ କରିଥିଲେ (ଇ ଏକ୍ସ ଟି. ପି. 1) । ଅଭିଯୁକ୍ତମାନଙ୍କୁ ଅକ୍ଟୋବର 31, 1977 ରେ ଗିରଫ କରାଯାଇଥିଲା ଏବଂ ପି. ଡବ୍ଲ୍ୟୁ. 13, କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପରିଚାଳିତ ଚିହ୍ନଟ ପରେଡରେ ପି. ଡବ୍ଲ୍ୟୁ. 1 ରୁ 4 ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲେ, ପି. ଡବ୍ଲ୍ୟୁ. 1 ପ୍ରତିବାଦୀମାନଙ୍କୁ ଚିହ୍ନଟ କରିଥିଲେ ଏବଂ ଅନ୍ୟ ଜଣଙ୍କୁ, ଇ ଏକ୍ସ. ପି. 10 ବିବୃତି ଅନୁଯାୟୀ ପି.ଡବ୍ଲ୍ୟୁ. 2 ରୁ 4 କେତେକଙ୍କୁ ଚିହ୍ନଟ କରିଥିଲେ ଯାହାର ସବିବରଣୀ ଦେବା ଆବଶ୍ୟକ ନୁହେଁ କାରଣ ଏହା ସେମାନଙ୍କ ଦ୍ୱାରା ସ୍ୱୀକାର କରାଯାଇଛି ଯେ ଚିହ୍ନଟ ପରେଡ ପୂର୍ବରୁ ପି. ଡବ୍ଲ୍ୟୁ. 2 ରୁ 4 ଅଭିଯୁକ୍ତମାନଙ୍କୁ ଦେଖିବାର ସୁଯୋଗ ପାଇଥିଲେ । ତେଣୁ ବିଚାରଣ ଅଦାଲତ ପି. ଡବ୍ଲ୍ୟୁ. 2 ରୁ 4 ଙ୍କ ସାକ୍ଷ୍ୟ ଉପରେ ନିର୍ଭର କରିନଥିଲା । କିନ୍ତୁ ଏହା ପି.ଡବ୍ଲ୍ୟୁ. 1 ପୀଡିତାଙ୍କର ସାକ୍ଷ୍ୟକୁ ଗ୍ରହଣ କରିଥିଲା, ଏବଂ ପ୍ରତିବାଦୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ପ୍ରତିବାଦୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, ଯଥା, ଯେ ପି.ଡବ୍ଲ୍ୟୁ. 1 ଏହି ପ୍ରତିବାଦୀମାନଙ୍କୁ ଚିହ୍ନଟ କରିବା ଉପରେ ନିର୍ଭର କରାଯିବ ନାହିଁ ଏବଂ ତାଙ୍କ ପ୍ରମାଣର କୌଣସି ପୁଷ୍ଟି ହୋଇନାହିଁ । ଯେତେବେଳେ ଏକ ଗଣଦୁଷ୍କର୍ମ ହୁଏ ସେତେବେଳେ ପୀଡିତାଙ୍କ ଶରୀର ଉପରେ ଅନେକ କ୍ଷତ ହୋଇପାରେ ଯାହା ଅନୁପସ୍ଥିତ । ତେଣୁ ପକ୍ଷଙ୍କ ସମ୍ମତି ଥିଲା । ଆମ୍ଭେ ଉଚ୍ଚ ନ୍ୟାୟାଳୟର ଯୁକ୍ତିକୁ ବୁଝିବାରେ ବିଫଳ ହେଉଛୁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତି ଯଥାର୍ଥ ଏବଂ ଏଥିରେ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ପ୍ରତିବାଦୀମାନଙ୍କ ପକ୍ଷର ବିଜ୍ଞ ଅଧିବକ୍ତାଙ୍କ ତୀବ୍ର ଯୁକ୍ତି ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ । ଯଦିଓ ପି.ଡବ୍ଲ୍ୟୁ. 1 ଅଭିଯୁକ୍ତମାନଙ୍କ ପାଇଁ ଅପରିଚିତା ଥିଲେ, ସେ ଅପହରଣ ଏବଂ ଗଣଦୁଷ୍କର୍ମ ଭଳି ଭୟଙ୍କର ଅପରାଧର ଶିକାର ହୋଇଛନ୍ତି ଏବଂ ଏହା ସ୍ପଷ୍ଟ ଦିବାଲୋକରେ କରାଯାଇଥିଲା । ତେଣୁ, ଯେତେବେଳେ ଅଭିଯୁକ୍ତମାନେ ତାଙ୍କୁ ଜଙ୍ଗଲକୁ ଅପହରଣ କରି ନେଇଥିଲେ, ସେତେବେଳେ ସେ ସେମାନଙ୍କୁ ଦେଖିବାର ସୁଯୋଗ ପାଇଥିଲେ, ଯଦିଓ ପରେ ତାଙ୍କ ଆଖିକୁ ଏକ ଖଣ୍ଡ କପଡା ଦ୍ୱାରା ବନ୍ଦ କରାଯାଇଥିଲା । ଯେତେବେଳେ ତାଙ୍କର ଜୀବନ ନେବା ଧମକରେ ତାଙ୍କୁ ଭୂମିରେ ଶୁଆଇ ଦିଆଯାଇଥିଲା ଏବଂ ଗଣଦୁଷ୍କର୍ମ କରାଯାଇଥିଲା, ସେତେବେଳେ ସେ ସମ୍ପୂର୍ଣ୍ଣ ଅସହାୟ ଥିଲେ । ଡାକ୍ତରୀ ପ୍ରମାଣ ଯଥେଷ୍ଟ ପୁଷ୍ଟି କରେ ଯେ ତାଙ୍କ ଗୁପ୍ତ ଅଙ୍ଗରେ କ୍ଷତ ଥିଲା ଏବଂ ତେଣୁ ଜଣଙ୍କ ପରେ

ଜଣଙ୍କ ଦ୍ୱାରା କରାଯାଇଥିବା ଗଣଦୁଷ୍କର୍ମକୁ ତାଙ୍କ ଦ୍ୱାରା ଯଥେଷ୍ଟ ପ୍ରତିରୋଧ କରାଯାଇଛି । ଯେତେବେଳେ ତାଙ୍କ ଜୀବନରୁ ମାରି ଦେବା ଧମକରେ ଏହା କରାଯାଇଥିଲା, ସେ ତାଙ୍କ ଭାଗ୍ୟକୁ ଆଦରି ଚୁପ ରହିବା ଏବଂ ସେମାନଙ୍କ ଆକ୍ରମଣର ଶିକାର ହେବା ଛଡ଼ା ପ୍ରତିରୋଧ ଜାରି ରଖିପାରିବେ ବୋଲି ଆଶା କରାଯାଇପାରିବ ନାହିଁ । ପି.ଡବ୍ଲ୍ୟୁ. 1 ମଧ୍ୟ ଚିହ୍ନଟ ପରେଡରେ ପ୍ରତିବାଦୀମାନଙ୍କୁ ଚିହ୍ନଟ କରିଥିଲେ । ଯେହେତୁ ଅନ୍ୟମାନଙ୍କ ବିରୋଧରେ କୌଣସି ଆବେଦନ ନାହିଁ, ତେଣୁ ଆମ୍ଭର ସେମାନଙ୍କର ଦୋଷ ମୁକ୍ତି ମାମଲାରେ ପଶିବା ଆବଶ୍ୟକତା ନାହିଁ । କିନ୍ତୁ ଏହା କହିବା ଯଥେଷ୍ଟ ଯେ ତାଙ୍କ ଉପରେ ବଳାତ୍କାର କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ସୁଯୋଗ ଥିଲା । ବଳାତ୍କାର ପୀଡିତାଙ୍କ ସାକ୍ଷ୍ୟର ପୁଷ୍ଟି କରାଯିବା ଜରୁରୀ ନୁହେଁ । ଯଦି ତାଙ୍କ ସାକ୍ଷ୍ୟ ସତ୍ୟ ବୋଲି ଦୃଢ଼ ବିଶ୍ୱାସ ଜାତ କରେ, ତେବେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ତାହା ହିଁ ଯଥେଷ୍ଟ ହେବ । ଆମ୍ଭର ପି.ଡବ୍ଲ୍ୟୁ. 1 ଙ୍କର ସାକ୍ଷ୍ୟର ପୁଷ୍ଟିକୁ ଦେଖିବା ଆବଶ୍ୟକତା ନାହିଁ । ସେ ଜଣେ ସାଧାରଣ ଗାଁଉଁଲି ଝିଅ ଥିଲେ ଏବଂ ସେ ନିଜ ଆକ୍ରମଣକାରୀମାନଙ୍କୁ ଛାଡ଼ିଦେବେ ନାହିଁ ଏବଂ ତାଙ୍କୁ ବଳାତ୍କାର କରିଥିବା ମିଥ୍ୟା ଅଭିଯୋଗରେ ଅନ୍ୟ ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କୁ ଫସାଇବେ ନାହିଁ । ଯଦିଓ ଆମ୍ଭେ ଅତିରିକ୍ତ ପ୍ରମାଣ ଲୋଡୁଛୁ ତାଙ୍କ ଗୁପ୍ତ ଅଙ୍ଗରେ କ୍ଷତ ଥିବାର, ଡାକ୍ତରଙ୍କ ଡାକ୍ତରୀ ପ୍ରମାଣ ଏବଂ ତାଙ୍କର ଏତଲା ଏହାର ପୁଷ୍ଟି କରୁଛି । ଆମ୍ଭେ ତାଙ୍କ ସାକ୍ଷ୍ୟକୁ ଯତ୍ନ ସହକାରେ ଯାଞ୍ଚ କରିଛୁ । ଆମ୍ଭେ ତାଙ୍କର ସାକ୍ଷ୍ୟକୁ ସତ୍ୟ ବୋଲି ସମ୍ପୂର୍ଣ୍ଣ ଭାବେ ସ୍ୱୀକାର କରୁଛୁ । ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମଧ୍ୟ ତାଙ୍କ ସାକ୍ଷ୍ୟକୁ ଏହାର ଗୁଣବତ୍ତା ଆଧାରରେ ଅବିଶ୍ୱାସ କରିବାକୁ କୌଣସି ପ୍ରୟାସ କରାଯାଇନଥିଲା । ଏହି ପରିସ୍ଥିତିରେ ମାନବ ସମ୍ଭାବନାକୁ ଧ୍ୟାନ ନ ଦେଇ ସାମୟିକ ଏବଂ ଯାନ୍ତ୍ରିକ ଆଭିମୁଖ୍ୟ ଏବଂ ପରିଣାମସ୍ୱରୂପ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତି କରିବା ଫଳରେ ନ୍ୟାୟର ଗୁରୁତର ହାନି ଘଟିଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏତାଦୃଶ୍ୟ ଆଭିମୁଖ୍ୟକୁ ଦଣ୍ଡେ ରହିବାକୁ ଦିଆଯିବ ନାହିଁ । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟର ରାୟ ଏବଂ ପ୍ରତିବାଦୀମାନଙ୍କୁ ଦୋଷ ମୁକ୍ତି କରିବାର ଆଦେଶକୁ ବାତିଲ କରାଯାଉଛି । ବିଚାରଣ ନ୍ୟାୟାଳୟ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଏବଂ ଦୌରା ଅଦାଲତ ଦ୍ୱାରା କାଏମ କରାଯାଇଥିବା ରାୟ, ଦୋଷସିଦ୍ଧି ଏବଂ ଦଣ୍ଡାଦେଶ ପୁନଃ ସ୍ଥାପିତ ହୋଇଛି ଏବଂ ପ୍ରତିବାଦୀମାନେ ଆତ୍ମ ସମର୍ପଣ କରିବା ଉଚିତ ଏବଂ ଦଣ୍ଡ ଭୋଗିବା ଉଚିତ ।

ଏନ୍. ପି. ଭି.

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**